Click Here & Upgrade
Expanded Features
Unlimited Pages
PDF Complete



# ନାରୀ ନିର୍ଯ୍ୟାତନା ଓ ତା'ର ନିରୋଧ

ସୁମତୀ ବେହେରା

ଆମ ସମାଜରେ ନାରୀ ନିର୍ଯ୍ୟାତନା କିଛି ନୂଆ କଥା ନୁହେଁ । ଏହା ବହୁକାଳରୁ ସବୁ ଧର୍ମରେ ସବୁ ଯୁଗରେ ସବୁ ସମାଜ ଓ ସଂସ୍କୃତିରେ ଏବଂ ସବୁ ସ୍ଥାନରେ ହୋଇ ଆସୁଛି । ଆଶ୍ଚର୍ଯ୍ୟର ବିଷୟ ଯେ ଭାରତ ପରି ଦେଶ ଯେଉଁଠାରେ ନାରୀକୁ ମା' ଓ ଦେବୀ ଭାବରେ ପୂଜା କରାଯାଉଥିଲା ଓ ଯେଉଁଠୁ ପଞ୍ଚଶୀଳନୀତିର ଆରମ୍ଭ, ସେହିଠାରେ ସେଇ ନାରୀକୁ କିପରି ଏତେ ଅସମ୍ମାନ କରାଯାଉଛି ।

ଇତିହାସ ଅନୁଧ୍ୟାନ କଲେ ଦେଖାଯାଏ ଯେ ବୈଦିକ ଯୁଗରେ ନାରୀ ଜାତିର ଯଥେଷ୍ଟ ସ୍ୱାଧୀନତା ଥିଲା । ସେମାନେ ବାସ୍ତବରେ ପୁରୁଷର ସହଧର୍ମିଣୀ, ସହକର୍ମିଣୀ ହୋଇ ପ୍ରତ୍ୟେକ ସ୍ଥାନରେ ସମାନ ଆସନ ପାଉଥିଲେ । ଧୀରେ ଧୀରେ ସ୍ତ୍ରୀ ତାହାର ସମସ୍ଥିତି ହରାଇଲା । ସାମାଜିକ, ପାରିବାରିକ, ମାନସିକ, ଶାରୀରିକ ସବୁପ୍ରକାର ଅତ୍ୟାଚାରର ବୋଝ ତା' ଉପରେ ପଡ଼ିଲା । ସେମାନଙ୍କର ବୁଲାବୁଲି ବେଶ, ପୋଷାକ, ଖାଦ୍ୟ, ବିବାହ ଇତ୍ୟାଦି ବ୍ୟକ୍ତିଗତ କାର୍ଯ୍ୟମାନଙ୍କରେ ମଧ୍ୟ କୌଣସି ସ୍ୱାଧୀନତା ରହିଲା ନାହିଁ । ପୁରୁଷମାନେ ଜବରଦସ୍ତି ସ୍ତ୍ରୀକୁ ସମ୍ପତ୍ତି ରୂପେ ବ୍ୟବହାର କଲେ । ଏପରିକି ସ୍ଥଳବିଶେଷରେ ସେମାନଙ୍କର କିଣାବିକା ମଧ୍ୟ ଚାଲିଲା । କନ୍ୟାମାନଙ୍କୁ ଦେବଦାସୀ କରି ସମାଜରେ ବେଶ୍ୟାବୃତ୍ତିର ପ୍ରଚଳନ ହେଲା ।

ଖ୍ରୀଷ୍ଟ ଜନ୍ମର ପ୍ରାରମ୍ଭରେ ମନୁଙ୍କର ହିନ୍ଦୁ ସ୍ତ୍ରୀମାନଙ୍କ ପାଇଁ ଲିଖିତ ନିୟମମାନ ପ୍ରଚଳିତ ହେଲା । ଏହା ଅନୁଯାୟୀ ସ୍ତ୍ରୀ ତା'ର ସ୍ୱାମୀକୁ ଦେବତା ପରି ଜ୍ଞାନ କରିବ, ତା'ର ଇଚ୍ଛା ଅନୁଯାୟୀ ଚଳିବ, ସେ କନ୍ୟା, ସ୍ତ୍ରୀ, ଭଉଣୀ ଅଥବା ମା' ଯାହା ହେଲେ ମଧ୍ୟ, ସର୍ବଦା ପୁରୁଷର ଅଧୀନରେ ରହିବ । ସେମାନେ ସାତ୍ତ୍ୱିକ ଜୀବନଯାପନ କରିବେ । ବିଧବାମାନଙ୍କ ପାଇଁ ବହୁ କଷ୍ଟଦାୟକ ନିୟମାବଳୀ ସହିତ ତାଙ୍କୁ ନାନା ଭାବରେ ଅତ୍ୟାଚାର କରାଯାଉଥିଲା । ଷଷ୍ଠ ଶତାବ୍ଦୀ ପରେ ସେମାନଙ୍କଠାରୁ ତାଙ୍କ ବଂଚିବାର ଅଧିକାର ଟିକକ ମଧ୍ୟ ଛଡ଼ାଇ ନିଆଗଲା ସତୀଦାହ ପ୍ରଥାର ପ୍ରଚଳନ କରି । ମନୁଙ୍କ ଲିଖିତ ସ୍ତ୍ରୀ ଧର୍ମରେ ସେ ସ୍ୱାମୀଠାରୁ ଯେତେ ମାଡ଼ ଖାଇଲେ ବି ପ୍ରତିବାଦ କରିପାରିବ ନାହିଁ । ଏହିପରି ନାରୀ ନିର୍ଯ୍ୟାତନା ଏକପ୍ରକାର ସାମାଜିକ ସ୍ୱୀକୃତି ପାଇଥିଲା ।

ମଧ୍ୟଯୁଗରେ ମୁସଲମାନଙ୍କର ଭାରତରେ ପ୍ରବେଶ ହୋଇ ଶାସନ ଆରମ୍ଭ ଫଳରେ ଦୁଇଟି ଧର୍ମୀୟ ସଂସ୍କୃତିର ମିଳନ ହେଲା । ଏହା ଫଳରେ ସ୍ତ୍ରୀଲୋକମାନଙ୍କର ପର୍ଦ୍ଦା ପ୍ରଥା, କନ୍ୟାଶିଶୁ ବଧ (ରାଜପୁତ ପରିବାରରେ) ଓ ଅବହେଳା, ବାଲ୍ୟବିବାହ ଏପରିକି ସଦ୍ୟଜାତ ଶିଶୁ କନ୍ୟାର ବିବାହ, ପୁରୁଷଙ୍କର ବହୁବିବାହ ପ୍ରଥା, ଧର୍ଷଣ, ଜବରଦସ୍ତି ବିବାହ, ବିବାହ ବିଚ୍ଛେଦ ପାଇଁ ସ୍ତ୍ରୀକୁ ଭୟ ପ୍ରଦର୍ଶନ ଇତ୍ୟାଦି ବହୁ ଅତ୍ୟାଚାର ହେବାକୁ ଲାଗିଲା ସ୍ତ୍ରୀ ଜାତି ଉପରେ । ଏହିସବୁ ଅତ୍ୟାଚାର ହେତୁ ଭୟରେ ସ୍ତ୍ରୀମାନେ ସ୍ୱର ଉତ୍ତୋଳନ ନକରି ଚୁପ ରହିଲେ ।

ଏହା ପରେ ବ୍ରିଟିଶମାନେ ଦେଶ ଶାସନ କଲେ । ସେମାନେ ମଧ୍ୟ ବିଶେଷ କିଛି ପରିବର୍ତ୍ତନ ଆଣିପାରିଲେ ନାହିଁ । ତଥାପି ଈଶ୍ୱର ଚନ୍ଦ୍ର, ରାମମୋହନ ଇତ୍ୟାଦିଙ୍କ ଚେଷ୍ଟାରେ ବିଧବା ବିବାହ ପ୍ରଚଳନ, ସତୀଦାହ ପ୍ରଥା ବନ୍ଦ, ଶିଶୁକନ୍ୟା ହତ୍ୟା ବନ୍ଦ ଇତ୍ୟାଦି ପାଇଁ ଆଇନ ପ୍ରଣୟନ ହେଲା । କନ୍ୟା ହତ୍ୟା ପାଇଁ କଠିନ ଶାସ୍ତି ହେଉଥିଲା । (ସେତେବେଳେ ବିଜ୍ଞାନର ପ୍ରଗତି ହୋଇନଥିବାରୁ କନ୍ୟାଭ୍ରୂଣ ହତ୍ୟାଟି ହୋଇପାରୁନଥିଲା ।)

ଦେଶ ସ୍ୱାଧୀନ ହେଲା । ସ୍ୱାଧୀନ ଭାରତର ସ୍ତ୍ରୀ ମଧ୍ୟ ସେଇ ଏକା ଭାବରେ ରହିଲା, ଅତ୍ୟାଚାର ଟିକେ ମାତ୍ର ବି କମ୍ ହେଲା ନାହିଁ । କନ୍ୟାଟିଏ ମାତୃଗର୍ଭରେ ସଞ୍ଚାର ହେଲେ ବିଜ୍ଞାନର ଉନ୍ନତି ହେତୁ କନ୍ୟାଭ୍ରୂଣ ହତ୍ୟା ହେବାରେ ଲାଗିଲା ଓ ଅଦ୍ୟାବଧି ତାହା ଚାଲୁ ରହିଛି ।

ଯୌତୁକ ନିର୍ଯ୍ୟାତନା ଆଉ ଏକ ସାମାଜିକ ବ୍ୟାଧି । ଏହା ବହୁକାଳରୁ ଦେଶରେ ପ୍ରଚଳିତ ଥିଲା । ଅତୀତରେ କନ୍ୟାମାନେ ବିବାହ କଲେ ପୈତୃକ ସମ୍ପତ୍ତିରୁ ଭାଗ ପାଉ ନଥିଲେ । ତେଣୁ ବିବାହ ସମୟରେ ସେମାନଙ୍କୁ ଟଙ୍କା ସୁନା, ଗାଈ ଓ ଅନ୍ୟାନ୍ୟ ଜିନିଷପତ୍ର ଉପହାର ସ୍ୱରୂପ ଦିଆଯାଉଥିଲା । ତାହା ସ୍ତ୍ରୀ ଧନ କୁହାଯାଉଥିଲା । ମାତ୍ର ଧୀରେ ଧୀରେ ସେଇ ଉପହାର ଶବ୍ଦଟି ପାଉଣାରେ ପରିଣତ ହୋଇଗଲା ଓ ବରପକ୍ଷ ତାହାକୁ ଜବରଦସ୍ତି ଆଦାୟ କରିବାକୁ ଲାଗିଲେ । ଆଜିକାଲି

Click Here & Upgrade
Expanded Features
Unlimited Pages
PDF Complete



ଅଧିକାଂଶ କ୍ଷେତ୍ରରେ ମା' ବାପା ତାଙ୍କ ଶକ୍ତି ବହିର୍ଭୁତ ଯୌତୁକ ଦେବା ପରେ ମଧ୍ୟ ବରପକ୍ଷ କନ୍ୟାକୁ କଷ୍ଟ ଦେଉଛନ୍ତି । ଫଳରେ ବଧୂ ନିର୍ଯ୍ୟାତନା ବୃଦ୍ଧି ପାଇବାରେ ଲାଗିଛି ।

ଆଜିକାଲି ନାରୀ ଉପରେ ଅତ୍ୟାଚାର ପ୍ରତି କ୍ଷେତ୍ରରେ ହେଉଅଛି ଓ ବଢ଼ି ଚାଲିଛି, କନ୍ୟାଭ୍ରୂଣ ହତ୍ୟା, ଶିଶୁକନ୍ୟାକୁ ଅବହେଳା ଲିଙ୍ଗଭେଦ ଦ୍ୱାରା କନ୍ୟାର ମାନସିକତା ନଷ୍ଟ, ଖାଦ୍ୟପେୟ ଓ ସ୍ୱାସ୍ଥ୍ୟର ଯତ୍ନରେ ବିଭେଦ, ବିବାହ ସମୟରେ କନ୍ୟାର ରୂପଗୁଣର ଅପମାନଜନକ ପରୀକ୍ଷାନିରୀକ୍ଷା, ଯୌତୁକ, କନ୍ୟା ଜନ୍ମରେ ମା'କୁ ଦୋଷୀ ସାବ୍ୟସ୍ତ । ସାମାନ୍ୟ ଦୋଷରେ ମାଡ଼, ଛାଡ଼ପତ୍ର, ବହୁ ବିବାହ ଇତ୍ୟାଦି ପ୍ରାୟ ତିରିଶି ପ୍ରକାର ମାନସିକ ଓ ଶାରୀରିକ ଅତ୍ୟାଚାର କରାଯାଉଛି ନାରୀ ଉପରେ । ପୁଣି କେତେକ ସ୍ଥାନରେ ବାଲ୍ୟବିବାହ, ଇଭ୍ ଟିଜିଂ, ବିଧବାକୁ ଲାଞ୍ଛନା, ବୃଦ୍ଧାଙ୍କୁ ଅବହେଳା ଇତ୍ୟାଦି କଷ୍ଟ ମଧ୍ୟ ଦିଆଯାଉଛି ।

ତେବେ ଏହା ସତ୍ୟ ଯେ ନାରୀ ନିଜର ସ୍ଥିତି ପାଇଁ ବେଶି ଅତ୍ୟାଚାରିତା ହେଉଛି । ଅଧିକାଂଶ କ୍ଷେତ୍ରରେ ସେ ଆତ୍ମନିର୍ଭରଶୀଳା ହୋଇ ନଥିବାରୁ ତାକୁ ସହିବାକୁ ପଡ଼େ । ପୂର୍ବଲିଖିତ ସବୁଗୁଡ଼ିକ ପ୍ରାୟ ଘରୋଇ ଅତ୍ୟାଚାର । ମାତ୍ର ବାହାରେ ମଧ୍ୟ ତାର ଲାଞ୍ଛନାର ସୀମା ନାହିଁ, ଧର୍ଷିତା, ଦୁର୍ବ୍ୟବହାର ତ ସାଧାରଣ କଥା ।

ସରକାର ଆଇନ୍ ଉପରେ ଆଇନ୍ ପ୍ରଣୟନ କରୁଛନ୍ତି କିନ୍ତୁ ସେଗୁଡ଼ିକ ଠିକ୍ ମାର୍ଗରେ କାର୍ଯ୍ୟକାରୀ ହୋଇ ପାରୁନାହିଁ । ଧର୍ଷିତା ସ୍ତ୍ରୀଟିଏ ପୋଲିସ ନିକଟକୁ ଆପତ୍ତି କରିବା ପାଇଁ ଯାଏ ନାହିଁ । ସମସ୍ତେ ଜାଣିଲେ ତାକୁ ଘୃଣା କରିବା ଭୟରେ । ଯିଏ ବା ସାହସ କରି ଯାଏ ସେ ନା ପୋଲିସ ପାଖରୁ ନା ସମାଜପକ୍ଷରୁ ସାହାଯ୍ୟ ସହାନୁଭୂତି ପାଏ !

ଜାତି ଧର୍ମ ପାଇଁ ମଧ୍ୟ ନାରୀଟିଏ ନିର୍ଯ୍ୟାତନା ଭୋଗେ । ଛୋଟ ଜାତିର ଗରିବ ସ୍ତ୍ରୀ ଲୋକଟିକୁ ପ୍ରାୟ ସହଜ ଲକ୍ଷ୍ୟ, ଶସ୍ତା ବୋଲି ଭାବି ଅତ୍ୟାଚାର କରେ । ଏହାଦ୍ୱାରା ସ୍ତ୍ରୀ ପ୍ରଚଣ୍ଡ ଶାରୀରିକ ଯନ୍ତ୍ରଣା ସହିତ ମାନସିକ ଯନ୍ତ୍ରଣା ମଧ୍ୟ ଭୋଗ କରନ୍ତି । ଅନେକ ଧର୍ମ ବିଦ୍ୱେଷର ମଧ୍ୟ ଶିକାର ହୁଅନ୍ତି ।

ସମସ୍ତ ନିର୍ଯ୍ୟାତନାର ଶିକାର ହୋଇ ମଧ୍ୟ ନାରୀଟିଏ ସ୍ୱର ଉତ୍ତୋଳନ କରେ ନାହିଁ । ଜାଣେ ଅତି ସହଜରେ ତାକୁ ଦମନ କରାଯାଇପାରେ, ତା'ର ଏ ଅବସ୍ଥା ସମାଜ ଉପରେ କୁପ୍ରଭାବ ପକାଏ । ପିଲାଟିଏ ତା' ମା' ଉପରେ ଅତ୍ୟାଚାର ହେବା ଦେଖିଲେ ତା'ର ନିଜ ପରିବାର ଓ ସମାଜ ଉପରେ ଛୋଟ ବେଳୁ ଘୃଣା ହୁଏ ଓ ତା'ର ମାନସିକ ଗଠନ ଠିକ୍ ହୁଏ ନାହିଁ ।

ତେବେ ଏହାର ନିରୋଧ କେମିତି କରାଯିବ ? ସାଧାରଣତଃ ତିନୋଟି କାରଣରୁ ସ୍ୱାମୀ ସ୍ତ୍ରୀ ଉପରେ ଆଧିପତ୍ୟ ଜମାଏ । (୧) ଲୋଭ (୨) ସ୍ତ୍ରୀର ଅର୍ଥନୈତିକ ଓ ଶାରୀରିକ ଦୁର୍ବଳତା (୩) ପଶୁ ପ୍ରବୃତ୍ତିର ଉଦ୍ରେକ । ଲୋଭ ହେତୁ ସ୍ୱାମୀ ସ୍ତ୍ରୀକୁ ପିଟାପିଟି କରେ । ସେ ଜାଣେ ସ୍ତ୍ରୀ ଉପାୟହୀନ ହୋଇ ସମସ୍ତ ସହିବ, କାରଣ ତା'ର ଅର୍ଥନୈତିକ ସ୍ୱଚ୍ଛଳତା ନାହିଁ । ଅଧିକାଂଶ ସମୟରେ ସେ ପୁରୁଷ-ଏଇ ଅହଂ ପାଇଁ ମଧ୍ୟ ସେ ସ୍ତ୍ରୀ ଉପରେ ଅତ୍ୟାଚାର କରେ । ମରାମରି ଭଙ୍ଗାରୁଜା ଇତ୍ୟାଦି କରେ । ତା' ସହିତ ତା'ର ବାପାମା ଭାଇଭଉଣୀମାନେ ମଧ୍ୟ ଯୋଗ ଦିଅନ୍ତି । ଏହିସବୁ କାରଣରୁ ନାରୀ ଦ୍ୱିତୀୟ ଶ୍ରେଣୀ ନାଗରିକ ଭାବେ ପରିଗଣିତ । ଯଦିଓ ଆଇନତଃ ମୌଳିକ ଅଧିକାର ସ୍ତ୍ରୀ ଓ ପୁରୁଷର ଏକା, ମାତ୍ର ସ୍ତ୍ରୀ କେବେ ବି କୌଣସିଥିରେ ସମାନ ଅଧିକାର ପାଇ ନାହିଁ । ସେ ସଂଖ୍ୟାରେ ପଚାଶ ପ୍ରତିଶତ ହେଲେ ମଧ୍ୟ ଲଘୁ ସଂପ୍ରଦାୟରେ ଅଛି । ପାରିପାର୍ଶ୍ୱିକ ଅବସ୍ଥା, ସାମାଜିକ ମନୋଭାବ, ନାରୀମାନଙ୍କ ମଧ୍ୟରେ ଏକତାର ଅଭାବ, ଏଇସବୁ କାରଣରୁ ସେ ଦୁର୍ବଳ ହୋଇ ରହିଛି । ତାହା ଦୂର କରିବା ପାଇଁ କେବଳ ସରକାର ନୁହଁନ୍ତି ତା'ର ନିଜର ଯଥେଷ୍ଟ ଚେଷ୍ଟା ଦରକାର । ନିଜ ଘରେ ପୁଅ ଝିଅମାନଙ୍କୁ ସମାନ ଦୃଷ୍ଟିରେ ଦେଖି, ସମାନ ଆଦର ଯତ୍ନ କରି ପିଲାଦିନୁ ସେମାନଙ୍କ ମନରେ ଲିଙ୍ଗଭେଦ ଯେପରି ନ ରହେ ତାହା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ପୁଅଟିକୁ ଜମିବିକ୍ରି ବା ଧାର କରି ଯେପରି ମା' ବାପା ସ୍ୱାବଲମ୍ବୀ କରିବାକୁ ଚେଷ୍ଟା କରନ୍ତି, ଝିଅଟିକୁ ମଧ୍ୟ ସେଇ ଭଳି ଗଢ଼ିବା ଉଚିତ୍ । ନାରୀର ଉନ୍ନତି ପାଇଁ କେବଳ ଆଇନ ପ୍ରଣୟନ କଲେ ହେବ ନାହିଁ । ଆଇନ୍‌ର ସଦୁପଯୋଗ ହେବା ଉପରେ ନଜର ଦେବାକୁ ପଡ଼ିବ । ଆଜିକାଲି ଅନେକ ସ୍ତ୍ରୀ ନିଜେ ରୋଜଗାର କରି ସ୍ୱାବଲମ୍ବୀ ମଧ୍ୟ ହେଲେଣି । ମାତ୍ର ତଥାପି ତାଙ୍କର ଦୁର୍ଗତି ବଢୁଛି ସିନା କମୁନି ।

ତେବେ ନାରୀର ମନରେ ସାହସ, ଦେହରେ ଶକ୍ତି ରହିବା ନ ରହିବାଟା ତା ନିଜ ଉପରେ ହିଁ ନିର୍ଭର କରେ । ଅଧିକାର ନିଜେ ନେବାକୁ ହୁଏ - ଦରକାର ହେଲେ ଛଡ଼ାଇକରି । ପରିବାରରେ ଅନ୍ୟାୟର ପ୍ରତିବାଦ, ଦଳବାନ୍ଧି ସାମାଜିକ ଅତ୍ୟାଚାରର ପ୍ରତିବାଦ, ଆଇନ୍ ସମ୍ବନ୍ଧରେ ଜ୍ଞାନ ଆଜିର ନାରୀର ନିତାନ୍ତ ଦରକାର ।

ନାରୀକୁ ସ୍ୱୟଂ ଶକ୍ତିର ଆଧାର କୁହାଯାଏ । ତାହାର ସଶକ୍ତିକରଣ ପାଇଁ ସରକାରଙ୍କ ଚେଷ୍ଟା କେବଳ ନୁହେଁ, ସେ ନିଜେ ନିଜକୁ ମଧ୍ୟ ସଶକ୍ତ କରୁ ।

ସୂଚନା ଅଧିକାରୀ
ସୂଚନା ଓ ଲୋକ ସଂପର୍କ ବିଭାଗ
ଭୁବନେଶ୍ୱର